# ସଂସ୍କୃତି ବିଭାଗ, ଓଡ଼ିଶା ସରକାର

## ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ଯୋଜନାରେ

## ପୁସ୍ତକ ଗ୍ରହଣ ନିମିତ୍ତ ବିଜ୍ଞାପନ

'କ'

ଏତଦ୍ୱାରା ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ମ୍ୟାଚିଙ୍ଗ୍ ଯୋଜନାରେ ପୁସ୍ତକ ଗ୍ରହଣ ପାଇଁ ଅନୁମୋଦିତ ପାଠାଗାର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେମାନେ ୨୦୧୦-୧୧ ଓ ୨୦୧୧-୧୨ ଆର୍ଥିକ ବର୍ଷ ପାଇଁ ଯୋଗାଣ ହେବାକୁ ଥିବା ପୁସ୍ତକ ଗୁଡ଼ିକୁ, ସଚିବ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱରଙ୍କ ନିକଟରୁ ତା ୨୧.୧୦.୨୦୧୩ ରିଖ ଠାରୁ ତା ୩୧.୧୦.୨୦୧୩ ରିଖ (ସରକାରୀ ଛୁଟିଦିନ ବ୍ୟତୀତ) ମଧ୍ୟରେ ଗ୍ରହଣ କରିପାରିବେ ।

ଯେଉଁ ଅନୁମୋଦିତ ପାଠାଗାର ଗୁଡ଼ିକ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ଯୋଜନାରେ ପୁସ୍ତକ ଗ୍ରହଣ କରି ନାହାଁନ୍ତି ସେମାନେ ୨୦୧୦-୧୧ ଓ ୨୦୧୧-୧୨ ପାଇଁ ଉଦ୍ଦିଷ୍ଟ ପୁସ୍ତକ ଗୁଡ଼ିକ ସହିତ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ଯୋଗାଇ ଦିଆଯାଉଥିବା ପୁସ୍ତକ ଗୁଡ଼ିକୁ ମଧ୍ୟ ଉପରୋକ୍ତ ସମୟ ମଧ୍ୟରେ ଗ୍ରହଣ କରିବେ ।

ପୁସ୍ତକ ଗ୍ରହଣ ସମୟରେ ପାଠାଗାର ଗୁଡ଼ିକ ସେମାନଙ୍କର ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ (Registration Certificate) ର ମୂଳ ପ୍ରମାଣପତ୍ର ସହ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଠାରୁ କାର୍ଯ୍ୟକାରିତା ପ୍ରମାଣ ପତ୍ର (Performance Certificate) ଓ ପୁସ୍ତକ ଗ୍ରହଣ କରୁଥିବା ବ୍ୟକ୍ତିର ପରିଚୟ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତା ମୂଳକ ଅଟେ ।

ଯେଉଁ ପାଠାଗାର ଗୁଡ଼ିକ ଉପରୋକ୍ତ ସମୟ ମଧ୍ୟରେ ସଚିବ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱରଙ୍କ ଠାରୁ ପୁସ୍ତକ ଗ୍ରହଣ କରିବେ ନାହିଁ ସେମାନଙ୍କୁ ଅନୁମୋଦିତ ତାଲିକାରୁ ବାଦ ଦିଆଯିବ ଓ ଭବିଷ୍ୟତରେ ସେମାନଙ୍କୁ ପୁସ୍ତକ ଯୋଗାଣ ଯୋଜନାରେ ପୁନର୍ବାର ଅନ୍ତର୍ଭୁକ୍ତ କରାଯିବ ନାହିଁ ।

'ଖ'

ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ପୁସ୍ତକ ଯୋଗାଣ ଯୋଜନାରେ ପୁସ୍ତକ ଗ୍ରହଣ ନିମିତ୍ତ ପୂର୍ବରୁ ଅନ୍ତର୍ଭୁକ୍ତ ହୋଇ ନ ଥିବା କାର୍ଯ୍ୟକ୍ଷମ ଉନ୍ନତ ପାଠାଗାର ମାନଙ୍କ ଠାରୁ ଏହି ଯୋଜନାରେ ପୁସ୍ତକ ସହାୟତା ପାଇଁ ତାଲିକାଭୁକ୍ତ ହେବା ନିମିତ୍ତ ନିମ୍ନ ସାରଣୀ ମତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗୁଡ଼ିକ ନିର୍ଦ୍ଦେଶକ, ସଂସ୍କୃତି, ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୧୪ ଙ୍କ ନିକଟରେ ତା ୩୧.୧୦.୨୦୧୩ ରିଖ ମଧ୍ୟରେ ପହଞ୍ଚିବା ଆବଶ୍ୟକ ।

୧. ପାଠାଗାରର ନାମ ।

୨. ରେଜିଷ୍ଟ୍ରେସନ ସାର୍ଟିଫିକେଟ୍‌ର ପ୍ରତିଲିପି ।

୩. ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଠାରୁ କାର୍ଯ୍ୟକାରିତା ପ୍ରମାଣପତ୍ର (Performance Certificate) ।

୪. ଗତ ତିନି ବର୍ଷର କାର୍ଯ୍ୟ ବିବରଣୀ ।

୫. ପାଠାଗାରର ନିଜସ୍ୱ ଗୃହ ଅଛି କି ନା ଯଦି ହଁ ତେବେ କବଲା / ପଟ୍ଟାର କପି ସଂଲଗ୍ନ କରିବେ । ଯଦି ଭଡ଼ାଘର ତେବେ ଘର ମାଲିକଙ୍କ ସହ ହୋଇଥିବା ଚୁକ୍ତିପତ୍ର (Agreement) ର କପି ସଂଲଗ୍ନ କରିବେ ।

୬. ଲାଇବ୍ରେରୀର ଫଟୋ ସଂଲଗ୍ନ ହେବ ।

୭. ପୁସ୍ତକ, ଟେବୁଲ୍, ଚେୟାର, ଆଲମୀରା, ର୍ୟାକ୍ ପ୍ରଭୃତିର ସଠିକ୍ ସଂଖ୍ୟା ।

ନିର୍ଦ୍ଦେଶକ, ସଂସ୍କୃତି,

ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱର ।